**ଦୋକାନରୁ ଚୋରି ଘଟଣା: ନାବାଳକ ଗଲେ ବାଳସୁଧାର ଗୃହ**

**ବିଶୋଇ, (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ସ୍ଥାନୀୟ ଲୁହାବାଲିଆ ଛକରେ ଥିବା ଏକ ଦୋକାନ ଗୃହରୁ ନଗଦ ଟଙ୍କା ସମେତ ଦୋକାନ ସାମଗ୍ରୀ ଚୋରି ହୋଇଥିବା ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି। ସୂଚନାଥାଉକି, ଗତ ୨୧ ତାରିଖ ରାତିରେ ଭରତ ଚନ୍ଦ୍ର ମହାନ୍ତଙ୍କ ଏକ ତେଜରାତି ଦୋକାନରୁ ଚୋରି ହୋଇଥିଲା। ଏହି ଘଟଣାକୁ ନେଇ ଭରତ ଚନ୍ଦ୍ର ବିଶୋଇ ଥାନାରେ ଅଭିଯୋଗ କରିଥିଲେ। ପରେ ଉକ୍ତ ଘଟଣାକୁ ନେଇ ବିଶୋଇ ପୋଲିସ ଏକ ମାମଲା (ନଂ ୧୫୭ /୨୧) ରୁଜୁ କରି ନାବାଳକଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଥିଲା।

## ସଂକ୍ଷେପରେ

### ୧.୨ ଟନ୍ ଚୋରା କୋଇଲା ଜବତ

**ଭଦ୍ରକ ଅଫିସ, ୨୫।୧୨:** ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାବରଙ୍ଗ ଥାନା ପୋଲିସ ବାଲିବିଲ ଛକଠାରେ ଶନିବାର ପୂର୍ବାହ୍ନରେ ଏକ ଚୋରା କୋଇଲା ବୋଝେଇ ପିକ୍ଅପ୍ ଭ୍ୟାନ୍ ଜବତ କରିଛି। ସୂଚନା ଅନୁଯାୟୀ, ସାବରଙ୍ଗ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଚୋରା କୋଇଲା ବୋଝେଇ ଗାଡ଼ି ଆସୁଥିବା ଖବର ପାଇ ବାଲିବିଲ ନିକଟରେ ପହଞ୍ଚିଥିଲା। ପୋଲିସ ଗାଡ଼ିକୁ ଦେଖି କୋଇଲା ବୋଝେଇ ପିକ୍ଅପ୍ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ଜବତ ପିକ୍ଅପ୍‌ରେ ୧.୨ ଟନ୍ କୋଇଲା ଥିବା ଜଣାପଡ଼ିଛି। ଏନେଇ ଥାନାରେ ମାମଲା (ନଂ.୨୯୦/୨୧) ରୁଜୁ ହୋଇଛି।

### ୪ ଚୋରା ମଦ ବ୍ୟବସାୟୀ ଗିରଫ

**ପାଟଣା, ୨୫।୧୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଅବକାରୀ ଥାନା ଅଧିକାରୀ ଜନାର୍ଦ୍ଦନ ପଲେଇ ଓ କର୍ମଚାରୀ ଶନିବାର ତୁରୁମୁଙ୍ଗା ଥାନା ଅଞ୍ଚଳରେ ଚଢ଼ାଉ କରି ମୋଟ ୭୭ଲିଟର ମହୁଲି ମଦ ଜବତ ସହ ବେଆଇନ ମହୁଲି ମଦ ବ୍ୟବସାୟରେ ସମ୍ପୃକ୍ତି ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କ୍ଷୀରେଇଟାଙ୍ଗିରି ବିରବର ନାଏକ, ତୁରୁମୁଙ୍ଗାର ପଦ୍ମିନୀ ଦେହୁରୀ, ଡାବାରଚୁଆର ମାଧବ ମୁଣ୍ଡା, କେନ୍ଦେଇପଶିର ଉର୍ମିଳା ବେହେରା।

### ଗଛରୁ ପଡ଼ି ଜୀବନ ଗଲା

**ଯୋଡ଼ା,୨୫।୧୨(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବିଚାକୁଣ୍ଡି ଠାରେ ଜଣେ ବ୍ୟକ୍ତି ଗଛରୁ ପଡ଼ି ମୃତ୍ୟୁ ଘଟିଥିବା ଜଣାପଡିଛି। ଶୁକ୍ରବାର ଅପରାହ୍ନରେ ବିଚାକୁଣ୍ଡି ଅଞ୍ଚଳର ଟୁନୁ ଗୋପ(୪୫)ନିକଟସ୍ଥ ଜଙ୍ଗଲକୁ ତାଙ୍କ ଝିଅ ସହ ଯାଇଥିଲେ। ଜଙ୍ଗଲରେ ଟୁନୁ ଏକ ଗଛରେ ଚଢି ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଝିଅ ଖବର ଦେବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ମେଡିକାଲ ପଠାଇଥିଲା। ଯୋଡ଼ା ପୋଲିସ ଏକ ମାମଲା (ନଂ.୩୮/୨୦୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

### ଯୋଡ଼ାରେ ତୁଳସୀ ପୂଜନ ଦିବସ

**ଯୋଡ଼ା,୨୫।୧୨(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ସହରର ବିଭିନ୍ନ ସ୍ଥାନରେ ଶନିବାର ତୁଳସୀ ପୂଜନ ଦିବସ ପାଳନ କରାଯାଇଛି। ସନ୍ଥ ଶ୍ରୀ ଆଶାରାମ ବାପୁଙ୍କ ପ୍ରେରଣାରେ ଡିସେମ୍ବର ୨୫ରେ ସମଗ୍ର ଦେଶରେ ଏହି ତୁଳସୀ ପୂଜନର ପାଳନ କରାଯାଉଛି। ଏହି ଅବସରରେ ଯୋଗ ବେଦାନ୍ତ ସେବା ସମିତି ଯୋଡ଼ା ଶାଖା ପକ୍ଷରୁ ଯୋଡ଼ା ସହରର ହୁଡ଼ି ସାହି, ଯୋଡ଼ା ୱେଷ୍ଟ ଲୋ ୱୟର କ୍ୟାମ୍ପ, କଣ୍ଟ୍ରାକ୍ଟର୍ କଲୋନୀ, ବନେଇକଳା, ଟିସ୍କୋ କ୍ୟାମ୍ପ ପ୍ରଭୃତି ଅଞ୍ଚଳରେ ଏହି ତୁଳସୀ ପୂଜନ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ସମିତିର ଯୋଡ଼ା ଶାଖା ସଭାପତି ପ୍ରକାଶ କୁମାର ମହାପାତ୍ର, ସମ୍ପାଦକ ରଶ୍ମିରଞ୍ଜନ ସାହୁ, ଜଗନ୍ନାଥ ମୁଣ୍ଡା, ମହିଳା ସଦସ୍ୟା ସୁକାନ୍ତି ପ୍ରସାଦ ବିଭିନ୍ନ ସ୍ଥାନକୁ ଯାଇ ସ୍ଥାନୀୟ ଅଞ୍ଚଳରେ ତୁଳସୀ ପୂଜନର ମାହାତ୍ମ୍ୟ ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ଘର ଘର ଯାଇ ଅଗଣାରେ ଲଗାଇବା ପାଇଁ ତୁଳସୀ ଗଛ ପ୍ରଦାନ କରିଥିଲେ ।

### ଜାତୀୟ ସେବା ଶିବିର

**ହାଟଡିହୀ,୨୫।୧୨(ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଷଡ଼ଙ୍ଗ ଆଞ୍ଚଳିକ ହାୟର ସେକେଣ୍ଡାରୀ ସ୍କୁଲରେ ନିୟମିତ ଜାତୀୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଧକ୍ଷ ସୁବ୍ରତ କୁମାର ନାୟକ ଯୋଗ ଦେଇ ଉପସ୍ଥିତ ସ୍ୱେଚ୍ଛାସେବୀଙ୍କୁ ପରିବେଶ ସଚେତନତା, ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ପିନ୍ଧିବା ଦିଗରେ ଗୁରୁତ୍ୱାରୋପ କରିଥିଲେ । ଏଥିରେ ୫୦ ଜଣ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ଯୋଗ ଦେଇ ସ୍କୁଲ ପରିସର, ରାସ୍ତାର ଦୁଇ ପାର୍ଶ୍ୱ ଏବଂ ନିକଟବର୍ତ୍ତୀ ଅଞ୍ଚଳକୁ ସଫା କରିଥିଲେ। ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଧିକାରୀ ଦୁର୍ଯ୍ୟୋଧନ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### କୁକୁର କାମୁଡ଼ାରେ ୧୫ ଆହତ

**ପାଟଣା,୨୫।୧୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ମୁଖ୍ୟ ବଜାର ଅଞ୍ଚଳ ଓ କୋଇଣ୍ଡାରେ ଶୁକ୍ରବାର ସନ୍ଧ୍ୟାରେ ଏକ ପାଗଳ କୁକୁର ଆତଙ୍କ ସୃଷ୍ଟି କରିଛି। ପାଗଳ କୁକୁର ୧୫ ଜଣକୁ ଗୋଡ଼ାଇ ଗୋଡ଼ାଇ କାମୁଡିଥିବାବେଳେ ସେଥି ମଧରୁ ୮ଜଣ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଗୁରୁତର ଙ୍କ ମଧରେ ଜଣେ ଶିଶୁ ଥିବା ଜଣା ପଡ଼ିଛି। ସମସ୍ତ ଗୁରୁତରଙ୍କୁ ପ୍ରଥମେ ତୁରୁମୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ୩ ବର୍ଷ ହେଲା ଆରମ୍ଭ ହୋଇପାରୁନି ନିର୍ମାଣ

## ସହକାରୀ ଉଦ୍ୟାନ କୃଷି କାର୍ଯ୍ୟାଳୟ

**ସିମୁଳିଆ, ୨୫।୧୨(ଡି.ଏନ.ଏ.)**

୧୯୮୫ରୁ ବର୍ଷ ବର୍ଷ ଧରି ଅନ୍ୟ ବ୍ଲକ ଅଧୀନରେ ସିମୁଳିଆ ସହକାରୀ ଉଦ୍ୟାନ କୃଷିବିଭାଗ ପରିଚାଳିତ ହେବା ପରେ ଗତ ୨୦୧୪ରୁ ସିମୁଳିଆ ବ୍ଲକରେ ସ୍ୱତନ୍ତ୍ର ଭାବେ ଏହି ବିଭାଗ କାର୍ଯ୍ୟ କରୁଛି। ୨୦୧୪ ନଭେମ୍ବରରୁ ସହକାରୀ ଉଦ୍ୟାନ କୃଷି ଅଧିକାରୀ ରୂପେ ସୂର୍ଯ୍ୟକାନ୍ତ ମଲିକ, ସମ୍ପ୍ରସାରଣ କର୍ମଚାରୀ ରୂପେ ସତ୍ୟନାରାୟଣ ସାମନ୍ତରାୟ ଓ ଉଦ୍ୟାନ ଅଧିଦର୍ଶକ ରୂପେ ଡମ୍ବରୁଧର ନାୟକ ଅଛନ୍ତି ।

ସରକାରଙ୍କ ନିୟମ ଅନୁସାରେ ଉଦ୍ୟାନ କୃଷିର ବିକାଶ ପାଇଁ ଜଣେ ସମ୍ପ୍ରସାରଣ କର୍ମଚାରୀଙ୍କ ଅଧୀନରେ ୪ପଞ୍ଚାୟତ ରହିବା ଆବଶ୍ୟକ। ସେହି ଅନୁସାରେ ସିମୁଳିଆ ବ୍ଲକରେ ୫ଜଣ ସମ୍ପ୍ରସାରଣ କର୍ମଚାରୀଙ୍କ ଆବଶ୍ୟକତା ଥିବା ବେଳେ ଅଛନ୍ତି ମାତ୍ର ଜଣେ ସମ୍ପ୍ରସାରଣ କର୍ମଚାରୀ। ସେହିପରି ଉଦ୍ୟାନ କୃଷି ବିଭାଗ ଅଦ୍ୟାବଧି ବିଭିନ୍ନ ସ୍ଥାନରେ ଭଡ଼ା ଗୃହରେ ପରିଚାଳିତ ହୋଇଆସୁଛି। ସିମୁଳିଆ ବ୍ଲକରେ ଉଦ୍ୟାନ କୃଷି ବିଭାଗର ନିଜସ୍ୱ ଗୃହ ଓ କ୍ଷେତ୍ର ପ୍ରସ୍ତୁତି ପାଇଁ ତହସିଲଦାର ଗତ ୨୦୧୮ରୁ ସ୍ଥାନୀୟ ଜାମୁଝାଡ଼ି ମୌଜାର ଖାତା ନଂ. ୬୦୪/୨, ପ୍ଲଟ ନଂ. ୧୭୬୪/୨୫୬୮ ଅନୁଯାୟୀ ୨ ଏକର ଜାଗା ପ୍ରଦାନ କରିଛନ୍ତି। ଏଥିପାଇଁ ସରକାର ମଧ ୧୫ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ତେବେ ଜିଲା କୃଷି ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ଗତ ୩ବର୍ଷ ହେଲା ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୂର୍ଯ୍ୟକାନ୍ତ ମଲିକ ନିଜସ୍ୱ ଦରମାରୁ ମାସିକ ୨୨ଶହ ଟଙ୍କା ଭଡ଼ାରେ ଏକ ଘର ନେଇ ଏହି କାର୍ଯ୍ୟାଳୟ ଚଳାଉଥିବା ଜଣାଯାଇଛି। ତେବେ ଭଡ଼ା ଘର ପରିବର୍ତ୍ତେ ଏକ ସରକାରୀ ଘର ଯୋଗାଇ ଦେବା ପାଇଁ ସେ ବିଡିଓ ଓ ଆରଡି ବିଭାଗୀୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଏହା ମିଳିପାରିନାହିଁ। ସିମୁଳିଆ ବ୍ଲକ ଓ ଏହାର ପଡୋଶୀ ଖଇରା ଓ ସୋର ବ୍ଲକରେ ସରକାରୀ ଉଦ୍ୟାନ ନ ଥିବାରୁ ଚାଷୀମାନେ ବିଭିନ୍ନ ପନିପରିବାଠାରୁ ଆରମ୍ଭ କରି ଫଳଗଛଗୁଡ଼ିକୁ ସୁଲଭ ମୂଲ୍ୟରେ କିଣି ପାରୁନାହାନ୍ତି। ୩୦ଟଙ୍କା ମୂଲ୍ୟର ଗୋଟିଏ ଆମ୍ବ ଗଛକୁ ଲୋକେ ୨୫୦ଟଙ୍କାରେ ପଶ୍ଚିମବଙ୍ଗର ବ୍ୟବସାୟୀଙ୍କ ନିକଟରୁ କିଣିବା ପାଇଁ ବାଧ ହେଉଛନ୍ତି। ଏ ସମ୍ପର୍କରେ ଜିଲା ଉପଉଦ୍ୟାନ କୃଷି ନିର୍ଦ୍ଦେଶକ(ଡେପୁଟି ଡାଇରେକ୍ଟର) ଗୋବିନ୍ଦ ଚନ୍ଦ୍ର ଲେଙ୍କାଙ୍କ ମୋବାଇଲ ଫୋନ (ନଂ.୯୯୩୭୫୫୬୮୬୪)କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ହେଁ ସେ ଉଠାଇ ନ ଥିଲେ। ତେବେ ବିଭାଗୀୟ ଅଧିକାରୀଙ୍କ ସମେତ ସ୍ଥାନୀୟ ଲୋକପ୍ରତିନିଧି ଏହାକୁ ଗୁରୁତ୍ୱ ଦେଲେ କୃଷିର ପ୍ରଗତି ହୋଇପାରନ୍ତା।



ସିମୁଳିଆ ସହକାରୀ ଉଦ୍ୟାନ କାର୍ଯ୍ୟାଳୟ।

### ଯୁବକଙ୍କୁ ଛୁରି ଭୁସି ହତ୍ୟା

**କେନ୍ଦୁଝର, ୨୫।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସଦର ଥାନା ପଦ୍ମପୁର ପଞ୍ଚାୟତ ଅଧୀନ ବନାଯୋଡି ଗ୍ରାମ ପାଖରେ ଶୁକ୍ରବାର ରାତିରେ ଜଣେ ଯୁବକଙ୍କୁ ଛୁରି ଭୁସି ନୃଶଂସ ଭାବେ ହତ୍ୟା କରାଯାଇଛି। ପୋଲିସ ଶନିବାର ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ମୃତକ ହେଲେ ଯଶୋବନ୍ତ ବଗଲ(୩୬)। ଯଶୋବନ୍ତ ସବୁଦିନ ପରି ଶୁକ୍ରବାର ପଦ୍ମପୁର ଶଙ୍କର ମେଡିସିନ ଷ୍ଟୋରରେ କାମ ସାରି ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଘର ନିକଟରେ କେହି ଦୁର୍ବୃତ୍ତ ଆସି ତାଙ୍କୁ ଛୁରାମାଡ କରିବାରୁ ଅବସ୍ଥା ସଙ୍କଟାପନ୍ନ ହୋଇପଡିଥିଲା। ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଯଶୋବନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ତେବେ ଯଶୋବନ୍ତଙ୍କ ସହିତ ମେଡିସିନ ଷ୍ଟୋର ମାଲିକ ଏବଂ ଅନ୍ୟ ଜଣେ ଯୁବକ ମଧ ଥିଲେ। ସେମାନେ ମଧ ଆକ୍ରମଣର ଶିକାର ହୋଇଥିଲେ। ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୁକ୍ତ ଗିରଫ ହୋଇ ନ ଥିବା ବେଳେ ସଦର ପୋଲିସ ହତ୍ୟାକାଣ୍ଡର ରହସ୍ୟ ଜାଣିବା ପାଇଁ ତନାଘନା ଜାରି ରଖିଛି।

### ଉପଜିଲାପାଳଙ୍କ ଗାଡ଼ି ଅଟକାଇ ଲୁଟ୍ ଉଦ୍ୟମ, ୩ ଗିରଫ

**ବଡ଼ବିଲ, ୨୫।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଚମ୍ପୁଆ ଉପଜିଲାପାଳଙ୍କ ଗାଡ଼ି ଅଟକାଇ ଲୁଟ୍ ଉଦ୍ୟମ ଅଭିଯୋଗରେ ପୋଲିସ ଶନିବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଭଦ୍ରାସାହି ଅଞ୍ଚଳର ପ୍ରସନ୍ନଜିତ ଓରାମ, ସୁମନ କୁମାର ପାତ୍ର ଏବଂ ଝାଡଗାଁ ଅଞ୍ଚଳର ଶିବମ ସାଣ୍ଡିଲ। ଉପଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଏତଲାକୁ ଭିତ୍ତିକରି ବଡ଼ବିଲ ପୋଲିସ ଏକ ମାମଲା (ନଂ.୨୫୫/୨୦୨୧) ରୁଜୁ କରିଛି। ପ୍ରକାଶ ଯେ, ଶୁକ୍ରବାର ରାତି ପ୍ରାୟ ୮ଟା ବେଳେ ଚମ୍ପୁଆ ଉପଜିଲାପାଳ ବଡ଼ବିଲ ପୌର କାର୍ଯ୍ୟାଳୟକୁ ଯାଉଥିଲେ। ତହସିଲ ଛକ ତଥା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ନିକଟରେ ତାଙ୍କ ଗାଡ଼ିକୁ ଅଟକାଇ କେତେଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରି ଲୁଟ୍ ଉଦ୍ୟମ କରିଥିଲେ। କୌଣସି ମତେ ସ୍ଥାନୀୟ ଲୋକଙ୍କ ସହାୟତାରେ ସେ ରକ୍ଷା ପାଇଯାଇଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ସମ୍ବଲପୁରୀ ନୃତ୍ୟରେ ମତୁଆଲା ଦର୍ଶକ



ଖଇରା ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

## ସଂସ୍କୃତି ବିଭାଗ ପକ୍ଷରୁ ଖଇରା ମହୋତ୍ସବ

**ଖଇରା, ୨୫।୧୨(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ସଂସ୍କୃତି ଓ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୋଚିଆକୋଇଲି ମଧୁବନ ପଡିଆରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ପର୍ଶୁରାମ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପର୍ଯ୍ୟଟନ, ସଂସ୍କୃତିମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ସଦର ବିଧାୟକ ସ୍ୱରୂପ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଯେଉଁ ମାଟିର କଳା ସଂସ୍କୃତି ଯେତେ ଉନ୍ନତ ସେ ଜାତି ସେତିକି ସମୃଦ୍ଧ ବୋଲି କହିଥିଲେ। ଶିକ୍ଷକ ବିଷ୍ଣୁପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। କଳାହାଣ୍ଡି କେସିଙ୍ଗାରୁ ଆସିଥବା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପରିବେଷିତ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଥିଲା । ସେହିଭଳି ମଣ୍ଟୁ ଛୁରିଆ ଓ ଟୁପଙ୍କ ଦ୍ୱାରା ମନୋମୁଗ୍ଧକର ସଙ୍ଗୀତ ପରିବେଷଣ କରାଯାଇଥିଲା ।

# ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

## ମୟୂରଭଞ୍ଜରେ ଉଠାଜଳସେଚନ ନିଗମ ଅଧକ୍ଷ

**ବାରିପଦା ଅଫିସ,୨୫।୧୨**

ଓଡ଼ିଶା ଉଠାଜଳସେଚନ ନିଗମ ଅଧକ୍ଷ ଅମରେଶ ପତ୍ରୀ ଦିନିକିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସି ବାରିପଦା ଓଏଲ୍ଆଇସି ଡିଭିଜନ ଅଧୀନ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଓ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଏ ସମ୍ପର୍କିତ ଏକ ସମୀକ୍ଷା ବୈଠକରେ ନିର୍ବାହୀ ଯନ୍ତ୍ରୀ ଗୋକୁଳାନନ୍ଦ ପାତ୍ର, ଏଷ୍ଟିମେଟର ପ୍ରଦୀପ କୁମାର ବେହେରା, ସହକାରୀ ଯନ୍ତ୍ରୀ ସରୋଜ କୁମାର ନାୟକ, ଶୁକଦେବ ଭୋଇ, ଗୋରା ସିଂ ପ୍ରମୁଖ ଯୋଗ ଦେଇଥିଲେ। ଉଠା ଜଳସେଚନ ପ୍ରକଳ୍ପ ଜରିଆରେ କୃଷକମାନେ କିପରି ଲାଭବାନ ହୋଇପାରିବେ ସେ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। କୃଷକମାନଙ୍କ ସମସ୍ୟାକୁ ବୁଝି ସେମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେଇ କୃଷି କ୍ଷେତ୍ରରେ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

ରାଜ୍ୟ ସରକାରଙ୍କ ୫-ଟି ଉପକ୍ରମ ଏବଂ 'ମୋ ସରକାର' ଆଭିମୁଖ୍ୟ ଆଧାରରେ ଡିଭିଜନରେ ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟରେ ସାରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପରେ ସାରସକଣା ବ୍ଲକ ଅଧୀନ ଝାରପୋଖରିଆ ପଞ୍ଚାୟତ ଝାରବେଡା ଗ୍ରାମରେ ସ୍ଥାପିତ ଗଭୀର ନଳକୂପ ପ୍ରକଳ୍ପ ସେ ପରିଦର୍ଶନ କରିଥିଲେ। ଏହି ପ୍ରକଳ୍ପ ମାଧ୍ୟମରେ ୨୪ ହେକ୍ଟର ଜମିକୁ ଜଳସେଚନ ସୁବିଧା ଉପଲବ୍ଧ ହେବାକୁ ଥିବାବେଳେ ପ୍ରକଳ୍ପର ଅଧିକ ଉନ୍ନତିକରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ବାଙ୍ଗିରିପୋଷି ବ୍ଲକ ଗୋଲମୁଣ୍ଡାକଟା ପଞ୍ଚାୟତ ଶାଳବଣୀ-୨ ନଦୀଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ୨୦ ହେକ୍ଟର ଜମିକୁ ଜଳସେଚିତ ହେଉଥିବା ପ୍ରକଳ୍ପ ପରିଦର୍ଶନ କରି କୃଷକମାନଙ୍କ ସହ ଆଲୋଚନା କରିଥିଲେ।



ନିଗମ ଅଧକ୍ଷ ଅମରେଶ ପତ୍ରୀ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

# ମହିଳା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

**ବାରିପଦା ଅଫିସ,୨୫।୧୨**

ବାରିପଦା ସ୍ଥିତ ବିଜେଡିର ଜିଲା କାର୍ଯ୍ୟାଳୟ ବିଜୁ ଭବନଠାରେ ବିଜୁ ମହିଳା ଜନତା ଦଳ ମୟୂରଭଞ୍ଜ-୧ର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ସବିତା ହାଁସଦାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜିଲା ବିଜୁ ମହିଳା ଜନତା ଦଳର ସଭାପତି ଦିପ୍ତୀଲତା ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ବିଜୁ ମହିଳା ଜନତା ଦଳର ସଭାପତି ତଥା ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଯୋଗଦେଇ କହିଥିଲେ, ମହିଳାମାନେ ସମାଜରେ ପ୍ରତ୍ୟେକ ଉନ୍ନୟନ ମୂଳକ କାର୍ଯ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ଲୋକସମ୍ପର୍କ ରକ୍ଷା କରିଥାନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୫୬ଟି ଜିଲା ପରିଷଦ ଆସନ ଦଖଲ କରିବାକୁ ସବୁ ପ୍ରକାର ପ୍ରୟାସ ଜାରି ରହିବ।

ମୟୂରଭଞ୍ଜ ବିଜୁ ଜନତା ଦଳର ସଭାପତି ତଥା ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡି ନାରୀଶକ୍ତି ନୂତନ ସମାଜ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ବକ୍ତବ୍ୟ ରଖିଥିଲେ। ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ରାଜ୍ୟ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଅଧକ୍ଷ ଡ. ଦେବାଶିଷ ମାର୍ଣ୍ଡି, ଜିଲା ମିଶନ ଶକ୍ତିର ସଭାପତି ବିଷ୍ଣୁପ୍ରିୟା ଦାସ, ଉର୍ମିଳତା ଦାସ, ସୁମିତ୍ରା ଜେନା, ପ୍ରାକ୍ତନ ବିଧାୟକ ଶ୍ରୀନାଥ ସୋରେନ, ଛବି ମାହାଲି, ସୀମା ଦାସ, ସବିତା ବେହେରା, ଶ୍ରାବଣୀ ଦାସ, ରେହେନା ସୁଲତାନ୍, ଫିରଜା ବିବି ପ୍ରମୁଖ ଉପସ୍ଥିତ ଥିଲେ।

### ରମାନାଥ ହେଲେ କନଷ୍ଟେବଲ ଓ ହାବିଲଦାର ସଂଘ ସଭାପତି

**ଭଦ୍ରକ ଅଫିସ, ୨୫।୧୨**



ଭଦ୍ରକ କନଷ୍ଟେବଲ ଓ ହାବିଲଦାର ସଂଘର ୧୧ଟି ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏନେଇ ଗତ ୧୪ ତାରିଖରେ ନାମାଙ୍କନ ଦାଖଲ ହୋଇଥିଲା। ଶୁକ୍ରବାର ଭଦ୍ରକ ରିଜର୍ଭ ପୋଲିସ ପଡ଼ିଆରେ ନିର୍ବାଚନ ହୋଇଥିବା ବେଳେ ଶନିବାର ଭୋଟ ଗଣତି ଥିଲା। ଏଥିପାଇଁ ଭଦ୍ରକ ପୋଲିସ ପକ୍ଷରୁ ରିଜର୍ଭ ପୋଲିସ କାର୍ଯ୍ୟାଳୟ ପରିସରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସଂଘର ସଭାପତି ଭାବେ ରମାନାଥ ପଣ୍ଡା ନିର୍ବାଚିତ ହୋଇଛନ୍ତି। ସେହିପରିଉପସଭାପତି ଭାବେ ଦେବାଶିଷ ମହାନ୍ତି, ସମ୍ପାଦକ ଗଗନ କୁମାର ସେନ, ସହସମ୍ପାଦକ-୧ ବସନ୍ତ କୁମାର ମାଝି, ସହସମ୍ପାଦକ-୨ ଉମାକାନ୍ତ ସାହାଣୀ, କୋଷାଧକ୍ଷ ଅଶ୍ୱିନୀ କୁମାର ସେଠୀ, ସଦସ୍ୟ ଭାବେ ଅଭୟ କୁମାର ସେଠୀ, ଦୟାନିଧି ମୁର୍ମୁ, ମନୋରଞ୍ଜନ ମହାନ୍ତି, ଚିନ୍ମୟ ଦେହୁରୀ ଓ ଚୈତନ୍ୟ ଜେନାଙ୍କୁ ଚୟନ କରାଯାଇଛି। ସଭାପତି ପଣ୍ଡା ୪୨୦ ଭୋଟ୍ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସତ୍ୟାଶିଷ ତ୍ରିପାଠୀ ୧୬୭ ଭୋଟ ପାଇ ପରାଜିତ ହୋଇଥିବା ଅତିରିକ୍ତ ଏସ୍‌ପି ଯତୀନ କୁମାର ପଣ୍ଡା ସୂଚନା ଦେଇଛନ୍ତି।

### ୨୮ରୁ ତ୍ୟାଗଭୂମି ମହୋତ୍ସବ

**ଭଦ୍ରକ ଅଫିସ,୨୫।୧୨**

ଆସନ୍ତା ୨୮ ତାରିଖରୁ ଭଦ୍ରକ ଟାଉନହଲ୍ ପରିସରରେ ତ୍ୟାଗଭୂମି ମହୋତ୍ସବ ଅନୁଷ୍ଠିତ ହେବ। ତିନିଦିନ ଧରି ଏହି ମହୋତ୍ସବ ଚାଲିବ। ଏନେଇ ଶନିବାର ପୂର୍ବାହ୍ନରେ ଜଗନ୍ନାଥପୁର ସ୍ଥିତ ତ୍ୟାଗଭୂମି କାର୍ଯ୍ୟାଳୟରେ ସମ୍ମେଳନର ସଙ୍ଗଠନ ସମ୍ପାଦକ ସୁଧାକର ରାଉତଙ୍କ ପୌରୋହିତ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଜୟ ନାୟକ ସୀମିତ ବୁଦ୍ଧିଜୀବୀ ଜନସାଧାରଣଙ୍କୁ ନେଇ ଏହାର ପ୍ରତି ସନ୍ଧ୍ୟାରେ ବୌଦ୍ଧିକ ଓ ସାରସ୍ୱତ ସମାବେଶ ଅନୁଷ୍ଠିତ ହେବ ବୋଲି କହିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ପତ୍ରକାର ତପନ କୁମାର ମିଶ୍ର, ଡ. ଅଭୟ କୁମାର ଦାସ, ଅଧିବକ୍ତା ଗଦାଧର ବଳ ପ୍ରମୁଖ ସଦସ୍ୟ ବୈଠକରେ ଯୋଗ ଦେଇଥିଲେ।

# ବାଜପେୟୀ ଥିଲେ ବିକାଶ ପୁରୁଷ



ବାଜପେୟୀଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି।

**ବାଲେଶ୍ୱର ଅଫିସ,୨୫।୧୨**

ବାଲେଶ୍ୱର ଜେଲ ରୋଡସ୍ଥିତ ସଦର ଭାଜପା କାର୍ଯ୍ୟାଳୟରେ ଭାରତରତ୍ନ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସମସ୍ତ କାର୍ଯ୍ୟକର୍ତ୍ତା ସ୍ୱର୍ଗତ ବାଜପେୟୀଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତଙ୍କ ଅଧକ୍ଷତା କରି ସେ ହେଉଛନ୍ତି ଭାରତବର୍ଷର ବିକାଶ ପୁରୁଷ। ଦେଶର ସଡ଼କ କ୍ରାନ୍ତିର ଜନକ। ଗରିବ ଜନତାଙ୍କ ପାଇଁ ମସିହା। ଅଟଳଜୀ ସୁଶାସନ ଓ ଆର୍ଥିକ ବିକାଶର ପଥପ୍ରଦର୍ଶକ ଥିଲେ ବୋଲି କହିଥିଲେ। ୧୯୯୯ ମହାବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ଓଡ଼ିଶାର ପୁନଃ ନିର୍ମାଣ ପାଇଁ ଅଟଳଜୀଙ୍କ ସମ୍ବେଦନଶୀଳ ଦୃଷ୍ଟିକୋଣ ଥିଲା ସ୍ୱତନ୍ତ୍ର। ଓଡ଼ିଶାରେ ଏମ୍‌ସ ପ୍ରତିଷ୍ଠା ତଥା ସ୍ୱର୍ଣ୍ଣ ଚତୁର୍ଭୂଜ ପ୍ରକଳ୍ପ ଦେଶର ସର୍ବବୃହତ ତଥା ବିଶ୍ୱର ପଞ୍ଚମ ବୃହତ ରାଜପଥର ପ୍ରକଳ୍ପ ଭାବେ ସ୍ଥାନିତ ହୋଇଥିବା ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ବରିଷ୍ଠ ନେତା ଗଙ୍ଗାଧର ରାଉତ, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ବରିଷ୍ଠ ନେତା ଗୌରାଙ୍ଗ ଦାସ, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ସୁଷମା ବିଶ୍ୱାଳ, ପୂର୍ବତନ କାଉନସିଲର ଉପେନ୍ଦ୍ର ଶତପଥୀ, ଆଇନଜୀବୀ ବୈଲୋଚନ ଦାସ, ମଣ୍ଡଳ ସାଧାରଣ ସମ୍ପାଦକ ଅନନ୍ତ ନାୟକ, ଜୋନାଲ ମିଡିଆ ସଂଯୋଜକ ସତ୍ୟଜିତ ମିଶ୍ର ଓ ଆଇନଜୀବୀ ବିଜୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜମିରୁ ଶୁଖୁନି ପାଣି

**ବନ୍ତ,୨୫।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଞ୍ଚଳର ଶତାଧିକ ଏକର ଜମିରେ ପାଣି ଜମି ରହିଛି। ଫଳରେ ଚାଷୀ ଧାନ ଅମଳ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ସରକାରଙ୍କ ପକ୍ଷରୁ ମଣ୍ଡି ଖୋଲିବାରେ ବିଳମ୍ବ ହେବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି।

ଚଳିତମାସ ପ୍ରଥମ ସପ୍ତାହରେ ବାତ୍ୟା 'ଜୱାଦ' ଯୋଗୁ ଏହି ବ୍ଲକରେ ବର୍ଷାର ପ୍ରଭାବ ଦେଖାଯାଇଥିଲା। ଫଳରେ ଚାଷ ଜମିରେ ପାଣି ରହିଛି। ଗତ ଖରିଫ ଋତୁରେ ଡିସେମ୍ବର ୨୦ରୁ ସରକାରୀ ମଣ୍ଡି ଖୋଲାଯାଇ ଧାନ କ୍ରୟ ଆରମ୍ଭ ହୋଇଥିଲା। ମାତ୍ର ଚଳିତ ଖରିଫ ଋତୁରେ ଧାନ କ୍ରୟ ପୂର୍ବରୁ ପ୍ୟାକ୍ସ(ସମବାୟ ସମିତି) କର୍ମଚାରୀ ଧାରଣାରେ ବସିଥିବାରୁ ମଣ୍ଡି ଖୋଲି ପାରୁନାହିଁ। ଏହି ପରିପେକ୍ଷୀରେ ଜିପିଏଲ୍ଏଫ୍‌ଙ୍କୁ ଧାନକ୍ରୟ ଦାୟିତ୍ୱ ପ୍ରଦାନ ପାଇଁ ସରକାରଙ୍କ ପକ୍ଷରୁ ଚିଠି ହୋଇଛି। କିଛି ଦିନ ତଳେ ବ୍ଲକରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ପ୍ୟାକ୍ସମାନେ ଯୋଗ ଦେଇ ନ ଥିଲେ। କେବଳ ୩ ଏସ୍ଏଚ୍‌ଜି ଆସିଥିଲେ। ଗତବର୍ଷ ଏହି ବ୍ଲକରେ ୧୦ ପ୍ୟାକ୍ସ ଓ ୭ ଏସ୍ଏଚ୍‌ଜି ଧାନ କ୍ରୟ କରିଥିଲେ। ଚଳିତ ବର୍ଷ ସେହି ୧୦ ପ୍ୟାକ୍ସ ଓ ଏସ୍ଏଚ୍‌ଜି ଧାନ କ୍ରୟ କରିବା କଥା। ମାତ୍ର ଗୋପିନାଥପୁର, ରାମପୁର ପଞ୍ଚାୟତରେ ପୂର୍ବ ଏସ୍ଏଚ୍‌ଜି ଧାନ କିଣିବାକୁ ମନା କରିବାରୁ ନୂଆ ଏସ୍ଏଚ୍‌ଜିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ରାମଚନ୍ଦ୍ରପୁର ପଞ୍ଚାୟତରେ କେଉଁ ଏସ୍ଏଚ୍‌ଜି ଧାନ କିଣିବ ସେନେଇ ସ୍ପଷ୍ଟ ସୂଚନା ନାହିଁ । ଆଡିଆ ପଞ୍ଚାୟତରେ ନୂଆ ଏସ୍ଏଚ୍‌ଜି ଧାନ କିଣିବା ନେଇ ପ୍ରସ୍ତାବ ଯାଇଛି। ତେବେ ଚଳିତ ବର୍ଷ ୮ ଏସ୍ଏଚ୍‌ଜି ଧାନ କିଣିବେ ବୋଲି ଜଣାପଡ଼ିଛି। ଆସନ୍ତା ୨୭ ସୁଦ୍ଧା ସରକାରଙ୍କ ପକ୍ଷରୁ ଧାନ କିଣିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଜମିରୁ ପାଣି ଶୁଖି ନ ଥିବା ଯୋଗୁ ଆଉ ୫ରୁ ୬ଦିନ ଧାନକ୍ରୟ ତାରିଖ ଘୁଞ୍ଚାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ତେବେ ଅଦ୍ୟାବଧି ମଣ୍ଡିରୁ ଧାନ କିଣିବା ପାଇଁ କୌଣସି ମିଲର ଠିକ୍ ହୋଇ ନ ଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ଅଶୋକ କୁମାର ବେହେରାଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ମଣ୍ଡି ଖୋଲାଯାଇ ଧାନ କିଣା ହେବ ବୋଲି କହିଛନ୍ତି।



ଚାଷ ଜମିରେ ବର୍ଷା ପାଣି ଜମିଛି।

- ଅମଳ ହୋଇପାରୁନି ଧାନ
- ମଣ୍ଡି ଖୋଲିବାରେ ବିଳମ୍ବ, ଚିନ୍ତାରେ ଚାଷୀ

**ବାଇକ୍ ଧକ୍କାରେ ଗୋରୁ ଚରାଳିଙ୍କ ମୃତ୍ୟୁ**

ବିଶୋଇ/ରାଇରଙ୍ଗପୁର,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ୪୯ ନଂ. ଜାତୀୟ ରାଜପଥର ଖଡମବେଡା ଛକ ନିକଟରେ ଶନିବାର ସକାଳେ ବାଇକ୍ ଧକ୍କାରେ ଜଣେ ଗୋରୁ ଚରାଳିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଙ୍ଗରିପୋଷି ଥାନା ଅଧୀନ ନିତେଇ ଅଞ୍ଚଳର ଅଶୋକ ମହାକୁଡ଼। ସୂଚନା ଅନୁଯାୟୀ, ଅଶୋକ ଅନ୍ୟ ସହଯୋଗୀମାନଙ୍କ ସହ ଗୋରୁ ଚରାଇ ନେଇ ବାଙ୍ଗରିପୋଷି ଆଡ଼କୁ ଯାଉଥିବା ବେଳେ ବାଇକ୍‌ଟି ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।



## ସଂକ୍ଷେପରେ

### ଦୁଇ ଗାଁ ମଧ୍ୟରେ ଗଣ୍ଡଗୋଳ: ୩ ଗୁରୁତର

ବୈଶିଙ୍ଗା,୨୫।୧୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କଳମା ଗ୍ରାମ ଛକରେ ଶନିବାର ସନ୍ଧ୍ୟାରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ୩ ଗୁରୁତର ହୋଇଛନ୍ତି। ପୂର୍ବଶତ୍ରୁତାକୁ ନେଇ ଜନୈକ ସଂଖ୍ୟା ଲଘୁ ସମ୍ପ୍ରଦାୟର ଯୁବକଙ୍କ ଉପରେ ସ୍ଥାନୀୟ କେତେଜଣ ଗ୍ରାମବାସୀ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୋଟିଏପକ୍ଷର ଗୁରୁତର ୩ ଯୁବକଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଖବର ପାଇ ବୈଶିଙ୍ଗା ପୋଲିସ ଓ ବାଲେଶର ସଦର ଥାନାର ଦୁଇ ପ୍ଲାଟୁନ ଫୋର୍ସ କଳମା , ଚଷାଖଣ୍ଡ ଓ ଜଙ୍ଗରାଇ ଗ୍ରାମରେ ମୁତୟନ କରାଯାଇଛି।

### ଡାକ୍ତରଖାନାରୁ ଅଭିଯୁକ୍ତଙ୍କ ଫେରାର ଉଦ୍ୟମ
#### ନାବାଳିକା ଅପହରଣ ଘଟଣା

ବାସୁଦେବପୁର,୨୫।୧୨(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ନାୟକାଣିଡିହୀ ଥାନା ଅଞ୍ଚଳରୁ ଏକ ନାବାଳିକା ଅପହରଣ ଘଟଣାରେ ପୋଲିସ ପଞ୍ଚାନନ ବଳ (ମନୁଆ) ନାମକ ଯୁବକଙ୍କୁ କଟକରୁ ଗିରଫ କରିଛି। ପଞ୍ଚାନନଙ୍କ ଘର କରଞ୍ଜଆଡ଼ିଆ ଗ୍ରାମରେ। ପୋଲିସ ଶୁକ୍ରବାର ଅପରାହ୍ନରେ ପଞ୍ଚାନନଙ୍କୁ ଡାକ୍ତରୀ ମାଇନା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ଆଣିଥିବା ବେଳେ ମେଡିକାଲ ପରିସରରୁ କୌଶଳକ୍ରମେ ସେ ଖସି ପଳାଇଯିବାକୁ ଉଦ୍ୟମ କରିଥିଲେ। ପୋଲିସ ଓ ସ୍ଥାନୀୟ ବାସୁଦେବପୁର ବଜାରର ଲୋକେ ଡାକ୍ତରଖାନା ସାମ୍ନା ପରିବା ମାର୍କେଟ ଅଞ୍ଚଳରୁ ତାଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଏହାପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ପ୍ରକାଶ ଯେ, ଅପହୃତା ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ କ୍ରମେ ଗତ ୯ ତାରିଖରେ ନାୟକାଣିଡିହୀ ଥାନାରେ ମାମଲା (ନଂ.୨୯୦/୨୧) ରୁଜୁ କରାଯାଇଥିଲା।

### ବେଆଇନ କରତକଳରେ ଚଢ଼ାଉ

ରୂପସା, ୨୫।୧୨(ଡି.ଏନ.ଏ.)-ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ମାଣିକପୁରାସ୍ଥିତ ଏକ ବେଆଇନ କରତକଳ ଉପରେ ବନବିଭାଗ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇଛି। ଜିଲା ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ଚାନ୍ଦିପୁର ବନାଞ୍ଚଳ ଅଧିକାରୀ ଗଣେଶ ପ୍ରସାଦ ଲେଙ୍କାଙ୍କ ନେତୃତ୍ୱରେ ଏକ ୨୫ଜଣିଆ ଟିମ୍ ଏହି ଚଢ଼ାଉରେ ସାମିଲ ଥିଲେ। ବେଆଇନ କରତକଳରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ମୂଲ୍ୟବାନ କାଠ ଓ ଯନ୍ତ୍ରାଂଶ ଜବତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ବନପାଳ ବିବେକାନନ୍ଦ ଜେନା, ଶଶୀଧର ମହାନ୍ତି, ଇତିଶ୍ରୀ ମହାପାତ୍ର, ପ୍ରହ୍ଲାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ଦୀର୍ଘଦିନ ଧରି ବିଭାଗ ପକ୍ଷରୁ ବେଆଇନ କରତକଳ ଉପରେ ଲଗାତର ଚଢ଼ାଉ ଜାରି ରହିଥିବାରୁ କାଠମାଫିଆ ଓ କରତକଳ ମାଲିକଙ୍କ ମଧ୍ୟରେ ଛନକା ପଶିଯାଇଛି।

### ଭାଜପା ପକ୍ଷରୁ ସୁଶାସନ ଦିବସ

କେନ୍ଦୁଝର, ୨୫।୧୨(ଡି.ଏନ.ଏ./ସ୍ୱ.ପ୍ର.): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀରେ କେନ୍ଦୁଝର ଜିଲା ଭାଜପା ପକ୍ଷରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି। ଭାରତୀୟ ଜନତା ପାର୍ଟିର ଶୀର୍ଷ ପୁରୁଷ ଭାବେ ପରିଚିତ ପୂର୍ବତନ ପ୍ରଧାନ ମନ୍ତ୍ରୀ ବାଜପେୟୀଙ୍କ ଜନ୍ମ ଜୟନ୍ତୀ ଅବସରରେ ଦେଶ ଶନିବାର ସୁଶାସନ ଦିବସ ପାଳନ କରୁଥିବା ବେଳେ କେନ୍ଦୁଝର ଜିଲାରେ ଏହି ଦିବସ ନିରାଡମ୍ବରରେ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ଭାଜପା ପକ୍ଷରୁ ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଛି। କେନ୍ଦୁଝର ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀଙ୍କ ନେତୃତ୍ୱରେ ଜିଲା ସଭାପତିଙ୍କ ଉପସ୍ଥିତିରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ସଭାପତି ଅଶ୍ୱିନୀ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିରଣବାଳା ନାଏକ, ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟ କାରିଣୀ ସଦସ୍ୟା ଦାସମତି ଚାତର୍ ପ୍ରମୁଖ ମଞ୍ଚାସୀନ ଥିଲେ।

# କଟକଣାକୁ ମାନିଲେନି

## ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ

ଭୋଗରାଇ, ୨୫।୧୨(ଡି.ଏନ.ଏ.)


ତାଳସାରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ଜଳ କ୍ରୀଡ଼ା।

କରୋନା ବିପଦ ଟଳି ନ ଥିବା ବେଳେ ନୂଆ ଭାରିଆଣ୍ଟ ଓମିକ୍ରନ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ଓ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପରାମର୍ଶକ୍ରମେ ରାଜ୍ୟ ସରକାର ବଡ଼ଦିନ ଏବଂ ନବବର୍ଷ ନିମନ୍ତେ କେତେକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ହେଲେ ପର୍ଯ୍ୟଟକମାନେ କଟକଣାକୁ ଭୁଲି ବଡ଼ଦିନକୁଆନନ୍ଦ ଉଲ୍ଲାସରେ ବିତାଇଛନ୍ତି।

ବାଲେଶ୍ୱର ଜିଲା ଉଦୟପୁର, ତାଳସାରୀ, ବିଚିତ୍ରପୁର, ଇକୋ ଟୁରିଜିମ୍, କୀର୍ତ୍ତନିଆ, ଚୌମୁଖ, ଡଗରା, ବାହାବଳପୁର ଓ ଚାନ୍ଦିପୁର ବେଳାଭୂମିରେ ଅସଂଖ୍ୟ ପର୍ଯ୍ୟଟକ କରୋନା କଟକଣାକୁ ବେଖାତିର କରି ଭିଡ଼ ଜମାଇଥିଲେ। ଦୀଘା ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲରେ ଦଳେ ଦଳେ ପିକନିକ୍ ପାର୍ଟି ଭୋଜିଭାତ ମସଗୁଲ୍ ରହିବା ସହ ସମୁଦ୍ରରେ ଗାଧୋଇବାର ମଜା ନେଇଥିଲେ। ବଡ଼ଦିନ ଉପଲକ୍ଷେ ଚର୍ଚ୍ଚଗୁଡିକରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନରେ ଖ୍ରୀଷ୍ଟାଧର୍ମାଲମ୍ବୀମାନେ ପ୍ରାର୍ଥନା କରିଥିଲେ। ଭୋଗରାଇ ସୀମାନ୍ତ ପଶ୍ଚିମବଙ୍ଗ ଦୀଘା, ଶଙ୍କରପୁର, ତାଜପୁର, ମନ୍ଦାରମଣୀ ପର୍ଯ୍ୟଟନସ୍ଥଳୀରେ ଥିବା ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରାଯାଇଥିଲା। ଦୀଘାରେ ଲକ୍ଷାଧିକ ପର୍ଯ୍ୟଟକଙ୍କ ଭିଡ଼ ହୋଇଥିବା ବେଳେ ଚନ୍ଦନେଶ୍ୱର-ତାଳସାରୀ, ଚନ୍ଦନେଶ୍ୱର ବର୍ଦ୍ଧର ରାସ୍ତା ଚାରିଚକିଆ ଯାନର ଲମ୍ୱାଲାଇନ ଲାଗିଥିବାରୁ ଭୋଗରାଇ ଥାନା, ତାଳସାରୀ ମେରାଇନ ଥାନା ଓ ଚନ୍ଦନେଶ୍ୱର ଫାଣ୍ଡି ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱର ମହାଦେବଙ୍କଠାରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ହୋଇଥିଲା।

## ଡଗରା ବେଳାଭୂମିରେ ଗହଳି

ବାଲିଆପାଳ, ୨୫।୧୨(ସ୍ୱ.ପ୍ର.)

ଓମିକ୍ରନ ଭାରିଏଣ୍ଟ ସଂକ୍ରମଣ ରୋକିବା ଲାଗି ଗାଇଡଲାଇନ୍ ଜାରି କରାଯିବା ସହ ନାଇଟ୍ କର୍ଫ୍ୟୁ ଲଗାଯାଇଛି। ଏଥିପ୍ରତି ଅମାନିଆଙ୍କ ନଜର ନାହିଁ କି ଗାଇଡଲାଇନ୍‌କୁ ଖାତିର ନ ଥିବା ଦେଖିବାକୁ ମିଳିଛି। ଶନିବାର ବଡଦିନରେ ବାଲିଆପାଳ ବ୍ଲକର ଡଗରା ବେଳଭୂମିରେ ଦେଖିବାକୁ ମିଳିଛି। ସକାଳୁ ପର୍ଯ୍ୟଟକଙ୍କ ଭିଡ଼ ସେତେଟା ଦେଖିବାକୁ ମିଳି ନ ଥିଲେ ମଧ ଦିନ ବଢ଼ିବା ସହିତ ଓଡ଼ିଶାର ବିଭିନ୍ନ ଜିଲା ସହିତ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ ବହୁ ଅମାନିଆ ପର୍ଯ୍ୟଟକ ବେଳାଭୂମିରେ ଗହଳି କରିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ଶାରଦା ପ୍ରସନ୍ନ ମୁଦୁଲି, ରାମଚନ୍ଦ୍ର ପୂର୍ଦ୍ଦୂଲଙ୍କ ସହିତ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ଅମାନିଆ ପର୍ଯ୍ୟଟକଙ୍କ ଓମିକ୍ରନ ବିଷୟରେ ସଚେତନ କରିବା ସହିତ ଲୋକଙ୍କୁ ଝାଉଁ ବଣରେ ଭୋଜି କରିବାକୁ ବାରଣ କରି ବେଳାଭୂମିରୁ ଫେରାଇବାକୁ ପ୍ରୟାସ ଜାରି ରଖିଥିଲେ।


ଡଗରା ବେଳାଭୂମିରେ ଭୋଜି କରିବା ଲାଗି ପର୍ଯ୍ୟଟକ ଭିଡ ଜମାଇଛନ୍ତି।

# ରାଇବଣିଆ ଗଡରେ ରାଜ୍ୟ ବାହାରୁ ପିକ୍‌ନିକ୍ ଟିମ୍

ଜଳେଶ୍ୱର, ୨୫।୧୨(ଡି.ଏନ୍.ଏ.)

ବଡଦିନ ଉପଲକ୍ଷେ ଇତିହାସ ପ୍ରସିଦ୍ଧ ରାଇବଣିଆଗଡରେ ପଶ୍ଚିମବଙ୍ଗ, ଝାଡଖଣ୍ଡରୁ ପିକ୍‌ନିକ୍ ଟିମ୍ ବଣଭୋଜିର ଆସର ଜମାଇଛନ୍ତି। ଗଡଚଣ୍ଡୀ ମନ୍ଦିର, ନିର୍ମାଣାଧୀନ ଜଗନ୍ନାଥ ମନ୍ଦିର, ନିକଟରେ ଥିବା ଶିବ ମନ୍ଦିର ତଥା ଅସ୍ଥାୟୀ ପାନ୍ଥଶାଳାରେ ବଣଭୋଜିର ମଜା ନେଉଛନ୍ତି। ରାଇବଣିଆ ସୁରକ୍ଷା ପରିଷଦ ଓ ଗଡ ବିକାଶ କମିଟି ସରକାରଙ୍କ ପକ୍ଷରୁ ମିଳିଥିବା ୧୭ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ, ୧୬ଲକ୍ଷ ଟଙ୍କା ବ୍ୟୟରେ ପିଇବା ପାଣି ଯୋଗାଣ, ୧୫ଲକ୍ଷ ଟଙ୍କା ବ୍ୟୟରେ ବିଦ୍ୟୁତୀକରଣ ଓ ୬୦ଲକ୍ଷ ଟଙ୍କା ବ୍ୟୟରେ ଏକ ସୁନ୍ଦର ଫାଟକ ନିର୍ମାଣ କାର୍ଯ୍ୟ ହେଉଥିବା ସମ୍ପର୍କରେ କମିଟି ସଭାପତି ବ୍ରିଜେଶ ରଣା, ଉପସଭାପତି ଦିଲୀପ ସାମଲ ଓ ସମ୍ପାଦକ ସୁକୁମାର ପ୍ରଧାନ ପ୍ରମୁଖ ସୂଚନା ଦେଇଛନ୍ତି।


ରାଇବଣିଆଗଡରେ ବାହାରୁ ଆସିଥିବା ପର୍ଯ୍ୟଟକ।

# ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ

## ମହାବୀର ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟ

ସୋର, ୨୫।୧୨(ଡି.ଏନ୍.ଏ.)

ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି କ୍ରିକେଟ୍ ପଡ଼ିଆରେ ଚାଲିଥିବା ଶନିବାର ମହାବୀର କ୍ଲବ ଆନୁକୂଲ୍ୟରେ ୨୩ତମ ମହାବୀର ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଓ ସେରସା ଖଡ଼ଗପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ୬ଷ୍ଠ ଥର ପାଇଁ ଚାମ୍ପିୟନ ହେବାର ଗୌରବ ହାସଲ କରିଛି।

ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଟସ୍ ଜିଣି ନିର୍ଦ୍ଧାରିତ ୩୦ ଓଭରରୁ ୮ ଉଇକେଟ ହରାଇ ୨୨୦ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ସେରସା ଖଡ଼ଗପୁର ୨୬.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୫ ରନ୍ କରି ପରାଜିତ ହୋଇ ରନର୍ସ ଅପ୍ ହୋଇଛି। ଇଷ୍ଟକୋଷ୍ଟ ରେଲୱେର ସୂର୍ଯ୍ୟକାନ୍ତ ପ୍ରଧାନ ୬ ଓଭର ବୋଲିଂ କରି ୪ ଉଇକେଟ ଅକ୍ତିଆର କରିଥିବା ବେଳେ ୨୦ ରନ୍ ସଂଗ୍ରହ କରିଥିବାରୁ ତାଙ୍କୁ ଆଜିର ଖେଳରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଏହି ଖେଳକୁ ବିସିସିଆଇ ଲେଭୁଲ-୨ ଅମ୍ପାୟାର ପ୍ରାଣନାଥ ଜେନା ଏବଂ ଅମିତ ଅମିତାଭ ମହାକୁଡ଼ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ବାସୁଦେବ ଜେନା, ଯଦୁନାଥ ଜେନା, ସୁରଞ୍ଜନ ମଲ୍ଲିକ ଦାୟିତ୍ୱ ତୁଲାଇଥିବା ବେଳେ ସ୍କୋରର ଥିଲେ- ଜୟନ୍ତ ଜେନା, ଜ୍ଞାନରଞ୍ଜନ ନାୟକ ଓ ଦେବାଶିଷ ପ୍ରିୟଦର୍ଶୀ। ଶେଷରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ବ୍ଲକ ଅଖିଳରାମ ଜେନା ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବାଗୁଡ଼ି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ବେହେରା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଶାନ୍ତିଲତା ବେହେରା, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ର କୁମାର ପ୍ରଶନ, ପୂର୍ବତନ ସରପଞ୍ଚ ଗଜେନ୍ଦ୍ର ନାୟକ, ଶିଳ୍ପୀ ଗୋଲକ ପାତ୍ର ଯୋଗଦେଇ ଚାମ୍ପିୟନ ଦଳକୁ ୪୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ରନର୍ସ ଅପ୍ ଦଳକୁ ୨୫ ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ମ୍ୟାନ୍ ଅଫ୍ ସିରିଜ ଅଭିଷେକ ଯାଦବ, ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ଶ୍ରେଷ୍ଠ ବୋଲର ଏବଂ ସମୀର ମହାନ୍ତିଙ୍କୁ ଶ୍ରେଷ୍ଠ ବ୍ୟାଟ୍‌ସ ମ୍ୟାନ୍ ଭାବେ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ବୀରେନ୍ଦ୍ର ଜେନା ମଞ୍ଚ ପରିଚାଳନା କରିଥିଲେ। ଖେଳ ରେଫେରି ଥିଲେ ରଞ୍ଜନ ମହାନ୍ତି। ମହାବୀର କ୍ଲବ ସଦସ୍ୟ ମୁରଲୀଧର ଜେନା, ମହେନ୍ଦ୍ର ଦେ, ରାଜକିଶୋର ଦେ, ପୂର୍ଣ୍ଣଚନ୍ଦ୍ର ଜେନା, ଗଜେନ୍ଦ୍ର ଜେନା, ଆକାଶ ଜେନା, ଶ୍ରୀକାନ୍ତ ମଲ୍ଲିକ, ଜ୍ଞାନରଞ୍ଜନ ଘଡାଇ, ମୁକ୍ତିକାନ୍ତ ଜେନା, ଜନ୍ମେଜୟ ବିନ୍ଧାଣି, ବାଞ୍ଛଧର ସିଂ, ଗୌତମ ଜେନା, ଶକ୍ତି ସ୍ୱରୂପ ଦାସ ଓ ଚିତ୍ତରଞ୍ଜନ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ଟ୍ରଫି ସହ ଚାମ୍ପିୟନ ଟିମ୍।

# ରେଲୱେ ମାଲଗୋଦାମ ଶ୍ରମିକ ପଞ୍ଜୀକରଣ ଆରମ୍ଭ


ଭାରତୀୟ ମାଲଗୋଦାମ ଶ୍ରମିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ ସହ ଧନ୍ୟବାଦ ସଭା କରାଯାଇଛି।

ବାଲେଶ୍ୱର ଅଫିସ, ୨୫।୧୨

## ରେଳ, ଶ୍ରମବିଭାଗକୁ ଧନ୍ୟବାଦ ଜଣାଇଲେ ଶ୍ରମିକ ନେତା

ବାଲେଶ୍ୱର ଏଡିଏମ୍ ଛକସ୍ଥିତ ବ୍ରିଟ୍ କଲ୍ୟାଣମଣ୍ଡପ ପରିସରରେ ଭାରତୀୟ ମାଲଗୋଦାମ ଶ୍ରମିକ ସଂଘ ପକ୍ଷରୁ ଶ୍ରମିକ ଚିହ୍ନଟ ଓ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ଼ିଶା ଓ ପଶ୍ଚିମବଙ୍ଗର ମୁଖ୍ୟ ମନମୋହନ ସେଠୀଙ୍କ ତତ୍ତ୍ୱାବଧାନରେ ବାଲେଶ୍ୱର ଓ ଭଦ୍ରକ ଜିଲାର ଶତାଧିକ ମାଲଗୋଦାମ ଶ୍ରମିକ ନିଜର ପଞ୍ଜିକରଣ କରିଥିଲେ। ଏହି ଅବସରରେ ଶ୍ରମିକ ନେତା ନବଜୀବନ ଭୋଇଙ୍କ ଅଧ୍ୟକ୍ଷତାରେ ଏକ ଧନ୍ୟବାଦ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ଶ୍ରମ ଓ ରେଳ ବିଭାଗ ସମେତ ରେଳବୋର୍ଡ଼ର ଚେୟାରମ୍ୟାନଙ୍କୁ ଧନ୍ୟବାଦ ଦିଆଯାଇଥିଲା।

୧୯୯୮ମସିହାଠାରୁ ସଂଘ ଶ୍ରମିକଙ୍କ ହକ୍ ପାଇଁ ୧୩ ସୂତ୍ରୀ ଦାବି ଉପସ୍ଥାପିତ କରିଆସୁଥିବା ବେଳେ ବାରମ୍ବାର ଆନ୍ଦୋଳନ କରିଆସୁଥିଲା। ଏହାକୁ ଭିତ୍ତି କରି ଗତ ୨୨ ଡିସେମ୍ବରରେ ଦିଲ୍ଲୀଠାରେ ଏହି ଶ୍ରମିକ ସଂଘର ରାଷ୍ଟ୍ରୀୟ ପ୍ରଭାରୀ ମନୋରଞ୍ଜନ ପଶ୍ୱାନଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିନିଧି ଦଳ ରେଳବୋର୍ଡ଼ର ଚେୟାରମ୍ୟାନ ସୁମିତ୍ ଶର୍ମା, ପୂର୍ବତନ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ଏମ୍‌ପି ଜଗଦମ୍ବିକା ପାଲ ସହିତ ରେଳ ମନ୍ତ୍ରଣାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉଭୟ କେନ୍ଦ୍ର ରେଳ ଓ ଶ୍ରମ ମନ୍ତ୍ରଣାଳୟ ନିଜର କାର୍ଯ୍ୟାଳୟ ପକ୍ଷରୁ ଶ୍ରମିକମାନଙ୍କୁ ସରକାରୀସ୍ତରରେ ଚିହ୍ନଟ କରି ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ପାଥେୟ କରି ସରକାର ସମଗ୍ର ରେଳ ମାଲଗୋଦାମ ଶ୍ରମିକମାନଙ୍କ ପଞ୍ଜିକରଣ ଆରମ୍ଭ କରିଥିବା ଓଡ଼ିଶା ଓ ପଶ୍ଚିମବଙ୍ଗର ମୁଖ୍ୟ ସେଠୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱରଞ୍ଜନ ପଣ୍ଡା, ସୁମିତା ବେହେରା, ମିଥୁନ ଜେନା, ସାଗରିକା ନାୟକ, ନାରାୟଣ ଦାସ, ସୁଶାନ୍ତ ଜେନା, ଗୋପାଳ ଲେଙ୍କା, ମନୋଜ ବେହେରା, ଧୀରେନ ଜେନା, ସଦାନନ୍ଦ ରାଉତ, ମଧୁସୂଦନ ଭୂୟାଁ, ମୃତ୍ୟୁଞ୍ଜୟ ଜେନା ଓ ଶର୍ମିଷ୍ଠା କର ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦୁଝରରେ କଳାଉତ୍ସବ

କେନ୍ଦୁଝର, ୨୫।୧୨
(ଡି.ଏନ୍.ଏ./ସ୍ୱ.ପ୍ର.)

ଦୀର୍ଘ ଏଗାର ବର୍ଷର ବ୍ୟବଧାନ ପରେ କେନ୍ଦୁଝର ସହରରେ ପୁଣି ଆୟୋଜିତ ହୋଇଛି ବାର୍ଷିକ କେନ୍ଦୁଝର କଳାଉତ୍ସବ। କେନ୍ଦୁଝରରେ ୩୩ ବର୍ଷ ପୂର୍ବେ ଜନ୍ମ ନେଇଥିବା 'ସାଂସ୍କୃତିକୀ' ଅନୁଷ୍ଠାନ ଆନୁକୂଲ୍ୟରେ ଏହି ପଞ୍ଚଦଶ କଳାଉତ୍ସବ ଅୟୋଜିତ ହୋଇଛି। ଦୁଇଦିନବ୍ୟାପୀ ଏହି ଉତ୍ସବକୁ ଶନିବାର ପୂର୍ବାହ୍ନରେ କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର କେନ୍ଦୁଝରଗଡ଼ ପୌରପାଳିକା କଲ୍ୟାଣମଣ୍ଡପଠାରେ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ପଞ୍ଚଦଶ କଳାଉତ୍ସବରେ ଚଳିତ ବର୍ଷର ବିଶେଷ ଆବେଦନ କ୍ୟାମେରାରେ କେନ୍ଦୁଝର, ସାହିତ୍ୟରେ କେନ୍ଦୁଝର, ପ୍ରକାଶନ ପରମ୍ପରାରେ କେନ୍ଦୁଝର, ସଙ୍ଗୀତରେ କେନ୍ଦୁଝର ଓ ଚିତ୍ରରେ କେନ୍ଦୁଝର। ସାହିତ୍ୟ ଆସର, ସଙ୍ଗୀତ, ନୃତ୍ୟ, ଚାରୁ ଓ କାରୁକଳା,କେନ୍ଦୁଝର ପୁସ୍ତକ ଓ ପତ୍ରପତ୍ରିକା ପ୍ରଦର୍ଶନୀ ଇତ୍ୟାଦି ଏହି ଉତ୍ସବରେ ସ୍ଥାନ ପାଇଛି । ପ୍ରତିଭା ଅନ୍ୱେଷଣ ବିଭାଗରେ ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଓ କଣ୍ଠ ସଙ୍ଗୀତ ପ୍ରତିଯୋଗିତା ପ୍ରଥମ ଦିବସରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୁଇଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## ଦେବଗଡ଼ରୁ ଆସି ବାସୁଦେବପୁରରେ ଧାରଣା ଦେଲେ

ବାସୁଦେବପୁର,୨୫।୧୨(ଡି.ଏନ.ଏ.)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅଞ୍ଚଳରୁ ଅପହୃତ ଜଣେ ନାବାଳିକାଙ୍କ ପରିବାର ଲୋକେ ଶନିବାର ଅପରାହ୍ନରେ ଭଦ୍ରକ ଜିଲା ବାସୁଦେବପୁରକୁ ଆସି ଥାନା ଆଗରେ ଧାରଣା ବସିଥିଲେ। ସୂଚନା ଅନୁଯାୟୀ, ବାସୁଦେବପୁର ଥାନା ଅଞ୍ଚଳର ଜଣେ ଯୁବକ ଦେବଗଡ଼ରେ ରହି ଗତ କିଛିଦିନ ଧରି ଫେରି ବେପାର କରୁଥିବା ବେଳେ ତାଙ୍କ ଝିଅକୁ ଅପହରଣ କରି ନେଇଯାଇଥିବା ନାବାଳିକାଙ୍କ ବାପା ଅଭିଯୋଗ କରିଥିଲେ। ଏନେଇ ଗତ ନଭେମ୍ବର ୧୫ରେ ଦେବଗଡ଼ ରିଆମାଳ ଥାନାରେ ମାମଲା(ନଂ.୨୪୯/୨୧) ରୁଜୁ ହୋଇଛି। ନାବାଳିକାଙ୍କ ପରିବାର ଲୋକ ଓ ସମ୍ପର୍କୀୟ ରିଆମାଳ ପୋଲିସ ସହାୟତାରେ ଆସି ଶନିବାର ବାସୁଦେବପୁର ଥାନାରେ ପହଞ୍ଚିଥିଲେ। ଏଠାକାର ପୋଲିସ ସହାୟତାରେ ରିଆମାଳ ପୋଲିସ କେତେକ ସ୍ଥାନରେ ଚଢ଼ାଉ କରିଥିଲେ ମଧ୍ୟ ନାବାଳିକାଙ୍କ ସନ୍ଧାନ ମିଳି ନ ଥିଲା। ଅଧିକ ତଦନ୍ତ ଓ ତଥ୍ୟ ଜାଣିବା ପାଇଁ ପୋଲିସ ଅପହରଣକାରୀ ଯୁବକଙ୍କ ବୃଦ୍ଧ ମା'ବାପାଙ୍କୁ ବାସୁଦେବପୁର ଥାନାକୁ ଡକାଇଥିଲା। ନାବାଳିକାଙ୍କ ପରିବାର ଲୋକେ ସେମାନଙ୍କୁ ଦେବଗଡ଼ ନେଇଯିବାକୁ ଜିଦ୍ ଧରିଥିଲେ। ସେମାନଙ୍କ ଝିଅକୁ ଉଦ୍ଧାର ଓ ଅପହରଣକାରୀଙ୍କୁ ଗିରଫ ଦାବିରେ ଥାନା ଆଗରେ ଧାରଣା ଦେଇଥିଲେ। ବାସୁଦେବପୁର ପୋଲିସ ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ।

## ଗଛରେ ପିଟି ହୋଇ ଯୁବକ ମୃତ

ବାରିପଦା ଅଫିସ,୨୫।୧୨

ମୟୂରଭଞ୍ଜ ଜିଲା ଶିମିଳିପାଳ ପାଦଦେଶରେ ଥିବା ଲୁଲୁଙ୍ଗ ପିକନିକ ସ୍ଥଳରୁ ଘରକୁ ଫେରିବା ସମୟରେ ଶନିବାର ଗଛରେ ପିଟି ହୋଇ ସମର୍ପିତ ଦାସ ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ବାରିପଦା ଟାଉନ ଥାନା ଭଞ୍ଜପୁର ଅଞ୍ଚଳରେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାରିପଦା ପିଆରଏମ ମେଡିକାଲରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

## ଏକଲବ୍ୟ ମଡେଲ ସ୍କୁଲର ଶିଳାନ୍ୟାସ

ସାରସକଣା/ରାଇରଙ୍ଗପୁର, ୨୫।୧୨(ଡି.ଏନ.ଏ.)

ସାରସକଣା ବ୍ଲକ ଗଣ୍ଡିପାଣିଠାରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଏକଲବ୍ୟ ମଡେଲ ସ୍କୁଲର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ସାରସକଣା ବିଧାୟକ ଡା. ବୁଢ଼ାନ ମୁର୍ମୁ, ତହସିଲଦାର ଲଲାଟେନ୍ଦୁ ସି, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତି, ଛୋଟଲାଲ ମହାନ୍ତ, କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ମନୋଜ ମହାନ୍ତ, ଜିଲା ପରିଷଦ ସଦସ୍ୟ ଗୁରୁବା ମୁର୍ମୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି କେନ୍ଦ୍ର ମନ୍ତ୍ରୀ ଟୁଡୁ ଗୁରୁବାର କୁସୁମୀ ବ୍ଲକ୍ ବାଦାମପାହାଡ଼ଠାରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିଳାନ୍ୟାସ କରିଛନ୍ତି। ଏହା ବ୍ୟତୀତ ବିଜାତଳା, କୁସୁମୀ ଓ ବହଳଦା ବ୍ଲକ୍ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ନବ ଚରଣ ମାଝୀ,ଡା.ବୁଢ଼ାନ ମୁର୍ମୁ ଏବଂ ଗଣେଶରାମ ଖୁଣ୍ଟିଆଙ୍କ ସମେତ ଭାଜପା ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଖୋଲୁନି ସରକାରୀ ଧାନମଣ୍ଡି

## ଅଭାବୀ ବିକ୍ରି ଚିନ୍ତାରେ ଚାଷୀ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

ରୂପସା, ୨୫।୧୨(ଡି.ଏନ.ଏ.)

ଚଳିତବର୍ଷ ଏଯାବତ୍ ସରକାରୀ ଧାନମଣ୍ଡି ଖୋଲାଯାଇ ନ ଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଧାନର ଅଭାବୀ ବିକ୍ରି ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ବୁଧବାର ବାଲେଶ୍ୱର ଜିଲା ବସ୍ତା ବ୍ଲକ କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଚେତାବନୀ ଦିଆଯାଇଛି। ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତାଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସରକାର ତୁରନ୍ତ ଧାନମଣ୍ଡି ଖୋଲି ଚାଷୀଙ୍କଠାରୁ ଧାନ କ୍ରୟ ଆରମ୍ଭ କରିବା, କଟ୍‌ନୀ ଛଟନୀ ବନ୍ଦ କରିବା, ଚାଷୀଙ୍କୁ ଅଖା ବାବଦ ଟଙ୍କା ଫେରାଇବା, ଟୋକନର ଅବଧିକୁ ୨ମାସ ବୃଦ୍ଧି, ବାତ୍ୟା ଓ ଚକଡା ପୋକ କ୍ଷୟକ୍ଷତି ପାଇଁ ଏକର ପିଛା ୨୦ ହଜାର ଟଙ୍କା ସହାୟତା ପ୍ରଦାନ ଓ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୫୦ ଟଙ୍କାକୁ ବୃଦ୍ଧି ପାଇଁ ଦାବି ହୋଇଥିଲା। ଧାନ କିଣିବାକୁ ସରକାର ୧୫ତାରିଖ ସୁଦ୍ଧା ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନେଇଥିବା ବେଳେ ଚାଷୀମାନେ ଟୋକନ୍ ପାଇ ବସିଛନ୍ତି। ମାତ୍ର ବସ୍ତାର ୧୨ଟି ଯାକ ସମବାୟ ସମିତି ମଣ୍ଡି ନ ଖୋଲିବାରୁ ଚାଷୀ ଅଭାବୀ ଧାନ ବିକ୍ରି କରି ଆର୍ଥିକ ଅନଟନ ମଧ୍ୟକୁ ଠେଲି ହୋଇଯାଉଛନ୍ତି। ପ୍ରାୟ ୧୦ ହଜାର ଚାଷୀ ସମିତିରେ ନାମ ପଞ୍ଜିକରଣ କରି ଟୋକନ ପାଇଥିଲେ ମଧ୍ୟ ଧାନ ବିକି ନ ପାରି ହନ୍ତସନ୍ତ ହେଉଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ସାଧାରଣ ସମ୍ପାଦକ ସୁଧାଂଶୁ ଯେନା, ସମିତିସଭ୍ୟ ରବୀନ୍ଦ୍ର ଦାସ, ସରପଞ୍ଚ ପ୍ରଣତୀ ସାହୁ, ଅନୀଲ ମହାପାତ୍ର, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ନାୟକ ଓ ମଦନମୋହନ ଯେନା, ମନୋଜ ମହାନ୍ତି, ସୁକାନ୍ତି ଭକ୍ତା, ନରେନ୍ଦ୍ର ଦାସଙ୍କ ସମେତ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

